**ଶେଷ ପର୍ଯ୍ୟାୟରେ ଗଞ୍ଜାମରେ ୬୫.୧୪ % ଭୋଟ**

ଛତ୍ରପୁର,(ଡି.ଏନ.ଏ)- ଗଞ୍ଜାମ ଜିଲାରେ ଗୁରୁବାର ଶେଷ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଭୋଟ ଗ୍ରହଣ ଶେଷ ହୋଇଯାଇଛି । ଶେଷ ପର୍ଯ୍ୟାୟରେ ଜିଲାର ୩ଟି ବ୍ଲକରେ ଭୋଟ ପ୍ରତିଶତ ୬୫.୧୪ ରହିଛି । ସେଥିମଧ୍ୟରେ ବେଗୁନିଆପଡା ବ୍ଲକରେ ୬୨.୫୬ ପ୍ରତିଶତ ମତଦାନ ହୋଇଥିବାବେଳେ ଆସିକା ବ୍ଲକରେ ୬୨.୦୮ ପ୍ରତିଶତ ଏବଂ ଭଞ୍ଜନଗର ବ୍ଲକରେ ୭୦.୭୮ ପ୍ରତିଶତ ମତଦାନ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ସଂକ୍ଷେପରେ

### ଦାରିଙ୍ଗବାଡ଼ିରେ କୁଆପଥର ସହ ପ୍ରବଳ ବର୍ଷା

ଦାରିଙ୍ଗବାଡ଼ି,୨୪।୨(ଡି.ଏନ.ଏ)- କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଗୁରୁବାର କୁଆପଥର ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ କିଛି ସମୟ ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା । ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ହଠାତ୍ ପାଗ ମେଘୁଆ ହେବାସହ କୁଆପଥର ବର୍ଷା ଓ ବଜ୍ରପାତ ହୋଇଥିଲା। ଏଥିଯୋଗୁ ବିଦ୍ୟୁତ ସେବା ବ୍ୟାହତ ହୋଇଥିଲା। ଖବର ଲେଖାଯିବା ସୁଦ୍ଧା ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇପାରିନାହିଁ ଦୁଇଦିନ ହେଲା ଅଞ୍ଚଳରେ ଦିନରେ ସାମାନ୍ୟ ଗରମ ଅନୁଭୂତ ହେଉଥିଲା। ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୧୩.୫ ଡିଗ୍ରୀ ଥିବା ବିଡିଓ ଗଦାଧର ପାତ୍ର କହିଛନ୍ତି।

### ଆକ୍ରମଣ ମାମଲା, ୬ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୪।୨:ବ୍ରହ୍ମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ (ଜେଏମଏଫସି) ସୋନାଲି ମହାନ୍ତି ଗୁରୁବାର ଏକ ଆକ୍ରମଣ ମାମଲାର ଶୁଣାଣି କରିଥିଲେ। ଘଟଣାର ୧୬ ବର୍ଷ ପରେ ପ୍ରମାଣ ଅଭାବରୁ କୁକୁଡ଼ାଖଣ୍ଡି ବ୍ଲକ ଜଗଦଳପୁର ପଞ୍ଚାୟତ ସରପଞ୍ଚ ହାଡୁ ବେହେରାଙ୍କ ସମେତ ୬ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ୨୦୦୫ ଜୁନ ୧୯ରେ ତତ୍କାଳୀନ ସରପଞ୍ଚ ପଞ୍ଚାନନ ସାହୁଙ୍କ ଘରେ ଗ୍ରାମର କେତେକ ଲୋକ ପଶି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ତାଙ୍କ କାର ଭାଙ୍ଗି ଦେଇଥିଲେ। ସେ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନ.୧୦୬/୦୫ ରେ ଏକ ମାମଲା ରୁଜୁ କରି ହାଡୁ ବେହେରା, ହରି ଡାକୁଆ, କେ.ସନ୍ତୋଷ ପାତ୍ର, ଏ.ବୁଲୁ ପାତ୍ର, ସତ୍ୟମ ପାତ୍ର ଓ ନରସିଂହ ପାତ୍ରଙ୍କୁ ଗିରଫ କରି କରିଥିଲା। ଗୁରୁବାର ଏହି ମାମଲାର ବିଚାର ବେଳେ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ନମିଳିବାରୁ ମାଜିଷ୍ଟ୍ରେଟ ଉପରୋକ୍ତ ଅଭିଯୁକ୍ତ ମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ ଓ ନୀହାର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ୨୬ରେ ଗଞ୍ଜାମର ୨୨ ଜିଲା ପରିଷଦ ଜୋନ୍ ଭୋଟ ଗଣତି

**ଛତ୍ରପୁର,୨୪।୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ୫ଟି ପର୍ଯ୍ୟାୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଗୁରୁବାର ଭୋଟ ଗ୍ରହଣ ଶେଷ ହୋଇଛି। ଆସନ୍ତା ୨୬ ତାରିଖରୁ ଭୋଟ ଗଣତି ଆରମ୍ଭ ହୋଇ ୩ ଦିନ ଧରି ଚାଲିବାକୁ ଥିବା ଗଣତି ୨୮ ତାରିଖରେ ସରିବ । ଜିଲାପରିଷଦ ଜୋନ୍ ଅନୁଯାୟୀ ଭୋଟ ଗ୍ରହଣ ହେବ । ଜିଲାପରିଷଦ ଜୋନ୍ ଅଧିନରେ ଥିବା ୱାର୍ଡମେମ୍ବର, ସରପଞ୍ଚ, ସମିତିସଭ୍ୟ ଓ ପରେ ଜିଲାପରିଷଦ ସଭ୍ୟଙ୍କ ପାଇଁ ହୋଇଥିବା ଭୋଟ ଗଣତି ହେବ । ଗଞ୍ଜାମ ଜିଲାରେ ୬୯ ଜିଲା ପରିଷଦ ସଭ୍ୟ ଲାଗି ଭୋଟ ଗ୍ରହଣ ହୋଇଛି ।

ଜିଲାର ସୋରଡା, ସାନଖେମୁଣ୍ଡି, ଦିଗପହଣ୍ଡି ଓ ଆସିକା ବ୍ଲକରେ ୪ଟି ଲେଖାଏ ଜିଲା ପରିଷଦ ଜୋନ୍ ରହିଥିବାବେଳେ ଗଞ୍ଜାମ ବ୍ଲକରେ ୨ଟି ଜିଲା ପରିଷଦ ସଭ୍ୟ ପାଇଁ ଭୋଟ ଗ୍ରହଣ କରାଯାଇଛି । ଅନ୍ୟ ୧୭ଟି ବ୍ଲକରେ ୩ଟି ଲେଖାଏ ଜିଲା ପରିଷଦ ସଭ୍ୟ ପାଇଁ ଭୋଟ ଗ୍ରହଣ ହୋଇଛି । ଯେଉଁ ବ୍ଲକରେ ୪ଟି ଜିଲା ପରିଷଦ ଜୋନ୍ ରହିଛି ସେହି ବ୍ଲକରେ ୨୬ ତାରିଖରେ ଗୋଟିଏ, ୨୭ରେ ଗୋଟିଏ ଏବଂ ୨୮ରେ ଦୁଇଟି ଜିଲା ପରିଷଦ ସଭ୍ୟ ପାଇଁ ଭୋଟ ଗଣତି ସମ୍ପୃକ୍ତ ବ୍ଲକ କାର୍ଯ୍ୟାଳୟରେ କରାଯିବ । ସେହିପରି ଯେଉଁ ବ୍ଲକରେ ୩ଟି ଜିଲାପରିଷଦ ଜୋନ୍ ରହିଛି ଉକ୍ତ ବ୍ଲକରେ ୨୬,୨୭ ଓ ୨୮ ତାରିଖରେ ଗୋଟିଏ ଲେଖାଏ ଜିଲା ପରିଷଦ ସଭ୍ୟଙ୍କ ପାଇଁ ହୋଇଥିବା ଭୋଟର ଗଣତି ହେବ । ଗଞ୍ଜାମ ବ୍ଲକରେ ୨ଟି ଜିଲାପରିଷଦ ଜୋନ୍ ଥିବାରୁ ୨୬ ଓ ୨୭ ତାରିଖରେ ଗୋଟିଏ ଲେଖାଏ ଜିଲା ପରିଷଦ ସଭ୍ୟଙ୍କ ପାଇଁ ହୋଇଥିବା ଭୋଟର ଗଣତି କରାଯିବ । ୨୬ରେ ଜିଲାର ୬୯ ଜିଲାପରିଷଦ ସଭ୍ୟ ମଧ୍ୟରୁ ୨୨ଟି ଜିଲାପରିଷଦ ସଭ୍ୟଙ୍କ ପାଇଁ ହୋଇଥିବା ଭୋଟ ଗଣତି ହେବ । ସେଥିମଧ୍ୟରେ ଆସିକା ବ୍ଲକର ୧ ନଂ. ଜୋନ ଜିଲାପରିଷଦ ସଭ୍ୟଙ୍କ ଭୋଟ ରହିଥିବା ବେଳେ କବିସୂର୍ଯ୍ୟନଗର ବ୍ଲକର ୫ ନଂ, କୁକୁଡାଖଣ୍ଡି ବ୍ଲକର ୮ନଂ., ଖଲିକୋଟ ବ୍ଲକର ୧୧ନଂ., ଗଞ୍ଜାମ ବ୍ଲକର ୧୪ନଂ., ଚିକିଟିର ୧୬ନଂ., ଛତ୍ରପୁରର ୧୯ନଂ., ଜଗନ୍ନାଥପ୍ରସାଦର ୨୨ନଂ., ଦିଗପହଣ୍ଡିର ୨୫ନଂ., ଧରାକୋଟର ୨୯ନଂ., ପାତ୍ରପୁରର ୩୨ନଂ., ପୁରୁଷୋତ୍ତମପୁରର ୩୫ନଂ., ପୋଲସରାର ୩୮ନଂ., ବୁଗୁଡାର ୪୧ନଂ., ବେଗୁନିଆପଡାର ୪୪ନଂ., ବେଲଗୁଣ୍ଠାର ୪୭ନଂ., ଭଞ୍ଜନଗରର ୫୦ନଂ., ରଙ୍ଗେଇଲୁଣ୍ଡାର ୫୩, ଶେରଗଡର ୫୬, ସାନଖେମୁଣ୍ଡିର ୫୯, ସୋରଡାର ୬୩ ଓ ହିଞ୍ଜିଳି ବ୍ଲକ ଅଧିନ ୬୭ ନମ୍ବର ଜିଲାପରିଷଦ ସଭ୍ୟ ପାଇଁ ହୋଇଥିବା ଭୋଟର ଗଣତି ହେବ । ପ୍ରଥମ ଥର ଲାଗି ପଞ୍ଚାୟତ ନିର୍ବାଚନ ଭୋଟ ଗଣନା ବ୍ଲକ ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ପ୍ରତି ପଞ୍ଚାୟତ ପାଇଁ ଗୋଟିଏ ଗଣତି ଟେବୁଲ ବ୍ୟବସ୍ଥା କରାଯାଇଛି । ପ୍ରତି ଜୋନ୍‌ରେ ଯେତିକି ପଞ୍ଚାୟତ ରହିଛି ସେତିକି ଟେବୁଲ ରହିବ । ଗୋଟିଏ ଟେବୁଲରେ ଜଣେ କାଉଣ୍ଟିଂ ସୁପରଭାଇଜର, ୨ଜଣ ଆସିଷ୍ଟାଣ୍ଟ କାଉଟିଂ ସୁପରଭାଇଜର ଏବଂ ଜଣେ ଗ୍ରୁପ୍-ଡି କର୍ମଚାରୀ ରହିବେ । ଏମାନଙ୍କ ତାଲିମ ଶେଷ ହୋଇଯାଇଛି ।

## ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୨୪।୨**

ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବଡବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ବଡ଼ ରେଲ୍ଲୀକା ସାହିର କେ.ମହେଶ ରେଡ୍ଡୀ। ଗୁରୁବାର ଏମକେସିଜି ମେଡିକାଲରେ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ମାମଲା ନଂ.୯୨/୨୨ ରେ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟ ନିର୍ଦ୍ଦେଶକ୍ରମେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

# ଭୋଟର ତାଲିକାରେ ନାଁ ନ ଥିବାରୁ ଉତ୍ତେଜନା

**ଦାରିଙ୍ଗବାଡ଼ି,୨୪।୨(ଡି.ଏନ.ଏ)**

**ଦାରିଙ୍ଗବାଡି ବ୍ଲକରେ ସରିଲା ଭୋଟ**



ଭୋଟ ଦେବା ପାଇଁ ଅପେକ୍ଷାରତ ଭୋଟର ।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଅନ୍ତିମ ପର୍ଯ୍ୟାୟ ଭୋଟଗ୍ରହଣ ଗୁରୁବାର ଦାରିଙ୍ଗବାଡି ବ୍ଲକରେ ହୋଇଛି। ବ୍ଲକର ଗୋଟିଏ ଦୁଇଟି ସ୍ଥାନକୁ ଛାଡ଼ିଦେଲେ ଅନ୍ୟ କୌଣସି ସ୍ଥାନରେ ଭୋଟ ବେଳେ ସେଭଳି ଅପ୍ରୀତିକର ଘଟଣା ଘଟି ନଥିବା ଜଣାପଡ଼ିଛି । ବ୍ଲକର ବାଲିଗୁଡ଼ା ଥାନା ଅଞ୍ଚଳର ବୁଡାଗୁଡ଼ାର ୮ ଏବଂ ୯ ନଂ. ବୁଥରେ ଭୋଟର ତାଲିକାରେ ନାଁ ନ ଥିବାରୁ ଭୋଟରଙ୍କ ମଧ୍ୟରେ ଉତ୍ତେଜନା ଦେଖାଯାଇଥିଲା। ଯେ ପର୍ଯ୍ୟନ୍ତ ଭୋଟ ଦେବାକୁ ଅନୁମତି ଦିଆ ନଯାଇଛି ସେ ପର୍ଯ୍ୟନ୍ତ ପୋଲିଂ ପାର୍ଟିକୁ ଛାଡ଼ିବୁ ନାହିଁ ବୋଲି ସେମାନେ ଜିଦ୍ ଧରିଥିଲେ। ପରେ ବାଲିଗୁଡା ଏସ୍‌ଡିପିଓ, ଆଇଆଇସି ଏବଂ ଦାରିଙ୍ଗବାଡ଼ିରୁ ପ୍ରଶାସନ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପୋଲିଂ ପାର୍ଟିକୁ ଛାଡ଼ିଥିଲେ ବୋଲି ବିଡିଓ ଗଦାଧର ପାତ୍ର କହିଛନ୍ତି। ଏଭଳି ଏକାଧିକ ପଞ୍ଚାୟତରେ ଭୋଟର ତାଲିକାରେ ନାମ ନ ଥିବାରୁ ଅସନ୍ତୋଷ ଦେଖାଯାଇଥିଲା। ଦାରିଙ୍ଗବାଡ଼ି ସମେତ ସିମନବାଡ଼ି, କିରିକୁଟି, ବାଡାବାଙ୍ଗା, ବ୍ରାହ୍ମଣୀଗାଁ, କାଟିଙ୍ଗିଆ, ଗଦାପୁର ଆଦି ୨୫ ପଞ୍ଚାୟତରେ ଲୋକଙ୍କ ମଧ୍ୟରେ ଭୋଟ ଦେବାକୁ ଉତ୍ସାହ ଦେଖିବାକୁ ମିଳିଥିଲା । ଅପରାହ୍ନ ୧ଟାରେ ମତଦାନ ସରିବା ପରେ ଭୋଟବାକ୍ସଗୁଡ଼ିକୁ ଦାରିଙ୍ଗବାଡ଼ିରେ ପହଞ୍ଚାଇବା ବ୍ୟବସ୍ଥା ଜାରି ରହିଛି। ଦୁର୍ଗମ ଅଞ୍ଚଳରେ ଥିବା ବୁଥଗୁଡ଼ିକରୁ ପୋଲିଂ ପାର୍ଟି ପହଞ୍ଚିବାରେ ବିଳମ୍ବ ହେଉଥିବା ଜଣାପଡ଼ିଛି । ଅବାଧ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ବିଡିଓ ପାତ୍ରଙ୍କ ସମେତ ତହସିଲଦାର ଚାର୍ଲସ ନାୟକ, ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝି, ବ୍ରାହ୍ମଣୀଗାଁ ଥାନା ଅଧିକାରୀ ଦାଶରଥୀ ହେମ୍ବ୍ରମ୍ ପ୍ରମୁଖ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ କରିବା ପାଇଁ ସମସ୍ତ ପ୍ରୟାସ କରିଥିଲେ।

## ଫାଷ୍ଟଫୁଡ଼ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

**ପୋଲସରା,୨୪।୨(ଡି.ଏନ.ଏ.)**

ପୋଲସରା ଥାନା ନିକଟ ନରସିଂହପଲ୍ଲୀଠାରେ ଥିବା ଏକ ଫାଷ୍ଟ ଫୁଡ଼ ଦୋକାନର ମାଲିକ ଚିରିକିପଡା ଶାସନ ଗ୍ରାମର ପୂର୍ଣ୍ଣ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ପୂର୍ଣ୍ଣ ବୁଧବାର ରାତିରେ ଦୋକାନ ବନ୍ଦ କରି ଫେରୁଥିବା ବେଳେ ୩/୪ଜଣ ଯୁବକ ତାଙ୍କୁ ଧାରୁଆ ଅସ୍ତ୍ର ଓ ଭଙ୍ଗା କାଚ ବୋତଲରେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ, ବେକ ଓ ହାତରେ ଗଭୀର ଆଘାତ ଲାଗିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ସେ ପଡ଼ି ରହିଥିବା ବେଳେ ଅଭିଯୁକ୍ତମାନେ ପଳାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ରାତିରେ ତାଙ୍କୁ ଖୋଜାଖୋଜି କରି କୌଣସି ସନ୍ଧାନ ପାଇ ନ ଥିଲେ। ସକାଳେ ଦୋକାନ ପାଖ ଅଳିଆ ଗଦା ନିକଟରେ ତାଙ୍କୁ ଗୁରୁତର ଅବସ୍ଥାରେ ପାଇ ତୁରନ୍ତ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

# ଭଞ୍ଜନଗର ବ୍ଲକରେ ୭୧ ପ୍ରତିଶତ ମତଦାନ


ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମତଦାନ କରୁଛନ୍ତି ।

**ଭଞ୍ଜନଗର,୨୪।୨(ଡି.ଏନ.ଏ)**

ପଞ୍ଚାୟତ ନିର୍ବାଚନର ଶେଷ ପର୍ଯ୍ୟାୟ ମତଦାନ ଗୁରୁବାର ଭଞ୍ଜନଗର ବ୍ଲକରେ ହୋଇଛି। ବ୍ଲକର ୩୨୧ଟି ବୁଥ୍‌ରେ ମୋଟ ୭୦.୭୮ ପ୍ରତିଶତ ମତଦାନ ହୋଇଥିଲା। ମତଦାନ ବେଳେ କାଁଭାଁ ଉତ୍ତେଜନା ଦେଖାଯାଇଥିଲା। ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ନିଜ ଗ୍ରାମ ଅଗଖୋଲରେ ମତଦାନ କରିଛନ୍ତି । ମତଦାନ ପରେ ପ୍ରାର୍ଥୀମାନଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍ ହୋଇ ରହିଛି । ବ୍ଲକ କାର୍ଯ୍ୟାଳୟ ପରିସର ଷ୍ଟ୍ରଙ୍ଗ ରୁମ୍ ମଧ୍ୟରେ ଭୋଟ ବାକ୍ସଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି । ଅପରପକ୍ଷେ ଜିଲା ପରିଷଦ ଜୋନ୍ ନଂ.୫୦ ଓ ୫୨ର ଷ୍ଟ୍ରଙ୍ଗ୍ ରୁମ୍ ସିସିଟିଭି କ୍ୟାମେରା ରଙ୍ଗିନ୍ ବଦଳରେ କଳା ଓ ଧଳା ହୋଇଥିବାକୁ ନେଇ ମୁଜାଗଡ଼ ଓ ଗୁଣ୍ଡିରିବାଡ଼ି ପଞ୍ଚାୟତର ଭାଜପା ସମର୍ଥକ ମାନେ ସନ୍ଧ୍ୟାରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହୋହାଲ୍ଲା କରିଛନ୍ତି ।

# ଗୋଷାଣୀ ବ୍ଲକରେ ସରିଲା ଭୋଟ

**ପାରଳାଖେମୁଣ୍ଡି,୨୪।୨(ଡି.ଏନ୍.ଏ.)**

ଗଜପତି ଜିଲା ଗୋଷାଣୀ ବ୍ଲକରେ ଗୁରୁବାର ଶାନ୍ତିପୂର୍ଣ୍ଣ ଭାବେ ଭୋଟଗ୍ରହଣ ହୋଇଯାଇଛି। ବ୍ଲକର ୨୬୬ ବୁଥରେ ୨ ଜିଲା ପରିଷଦ ଜୋନ ଏବଂ ୨୧ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ପଦବୀ ପାଇଁ ଭୋଟଗ୍ରହଣ କରାଯାଇଥିଲା। ମୋଟ ୬୮,୭୫୩ ଭୋଟର ମତଦାନ ବ୍ୟବସ୍ଥା ହୋଇଥିଲା।ଖବର ଲେଖାଯିବା ସୁଦ୍ଧା ବ୍ଲକରେ ମୋଟ ୭୦ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଥିଲା। ଗୋଷାଣୀ ବ୍ଲକ ଜିଲାର ଅତି ଗୁରୁତ୍ୱପୂର୍ଣ୍ଣ ଓ ଏଠାରେ ରାଜନୈତିକ ଦଳ ଗୁଡ଼ିକ ବେଶ ସକ୍ରିୟ ଥିବାରୁ ଯେଭଳି କୌଣସି ଗଣ୍ଡଗୋଳ ପରିସ୍ଥିତି ନ ଉପୁଜିବ ସେଥିପାଇଁ ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

## ଆସିକା ବ୍ଲକ : ୬୨.୦୮% ମତଦାନ

**ଆସିକା,୨୪।୨(ଡି.ଏନ୍.ଏ.)**

ଆସିକା ବ୍ଲକର ୪ ଜିଲାପରିଷଦ ଜୋନ ଓ ୨୭ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ଲାଗି ଗୁରୁବାର ୪୦୨ଟି ବୁଥରେ ଶୃଙ୍ଖଳାର ସହ ମତଦାନ ହୋଇଛି। ବ୍ଲକରେ ମୋଟ ୬୨.୦୮% ମତଦାତା ସେମାନଙ୍କ ମତ ସାବ୍ୟସ୍ତ କରିଥିବା ସୂଚନା ମିଳିଛି । ସମୁଦାୟ ୧ଲକ୍ଷ ୨୭ ହଜାର ୬୫୫ ମତଦାତାଙ୍କ ମଧ୍ୟରୁ ୭୯ ହଜାର ୨୫୪ ମତଦାତା ମତଦାନ କରିଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ଆସିକା ବିଡିଓ ରୋସନ ଶତପଥୀ ସୂଚନା ଦେଇଛନ୍ତି । ମତଦାନକୁ ଶୃଙ୍ଖଳିତ କରିବା ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଗଞ୍ଜାମ ଏସପି ବ୍ରିଜେଶ ରଏ ଆସିକା ବ୍ଲକର ବିଭିନ୍ନ ବୁଥ ବୁଲି ଆଇନଶୃଙ୍ଖଳା ପରିସ୍ଥିତ ତଦାରଖ କରିଥିଲେ । ବ୍ଲକର ମଣ୍ଡାପଡା ଓ ସିଦ୍ଧନୟୀ ବୁଥରେ ପରସ୍ପର ବିରୋଧୀ ଗୋଷ୍ଠୀ ମଧ୍ୟରେ ସାମାନ୍ୟ ଉତ୍ତେଜନା ଦେଖାଦେଇଥିବା ବେଳେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା।

# ମଦ ଧରପଗଡ଼ ନାଁରେ ଘରେ ପଶି ଆକ୍ରମଣ ଅଭିଯୋଗ

**ବ୍ରହ୍ମପୁର ଅଫିସ,୨୪।୨**

ଅବକାରୀ ଗୋଇନ୍ଦା ବିଭାଗ ତରଫରୁ ବେଆଇନ ମଦ କାରବାର ଉପରେ ଧରପଗଡ଼ ହେଉଛି। ଏହି ଧାରାରେ ବୁଧବାର ପାଟପୁର ଥାନା ଅନ୍ତର୍ଗତ ସାହାସପୁର ଗ୍ରାମରେ ଅବକାରୀ ଟିମ୍ ଅବକାରୀ ଏସ୍‌ଆଇ ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ରମେଶ ସାହୁଙ୍କ ଘରେ ଚଢ଼ାଉ କରିଥିଲା। ସେଠାରୁ ଅବକାରୀ ବିଭାଗ କୌଣସି ମଦ ଜବତ କରିପାରି ନ ଥିବା ବେଳେ ଘରେ ଥିବା ଅନେକ ସାମଗ୍ରୀ ଭଙ୍ଗାରୁଜା କରିଥିଲା। ସେହିପରି ସୁବାସ ସାହୁଙ୍କ ସମ୍ପର୍କୀୟଙ୍କ ଘରେ ପଶି ଏହି ଟିମ୍ ଧରପଗଡ଼ କରିଥିଲା। ସେଠାରେ ସରୋଜ ସାହୁ ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କୁ ଦୁର୍ବ୍ୟବହାର କରାଯାଇଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅବକାରୀ ବିଭାଗର ଏଭଳି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ସେମାନେ ଶୁକ୍ରବାର କୋର୍ଟର ଆଶ୍ରୟ ନେବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି। ସାଧାରଣ ଲୋକଙ୍କ ଘରେ ଅବକାରୀ ଟିମ୍ ମାଜିଷ୍ଟ୍ରେଟଙ୍କ ଅନୁପସ୍ଥିତିରେ ଏଭଳି ଭଙ୍ଗାରୁଜା କରିବା କେତେଦୂର ଯଥାର୍ଥ ବୋଲି ସେମାନେ କହିଛନ୍ତି।

ଏନେଇ ବିଶ୍ୱଜିତ ଦାଶଙ୍କୁ ପଚାରିବାରୁ, ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଖବର ପାଇ ଅବକାରୀ ଟିମ୍ ସାହାସପୁର ଗ୍ରାମର ରମେଶ ସାହୁ ଓ ସରୋଜ ସାହୁଙ୍କ ଘରେ ଚଢ଼ାଉ କରିଥିଲା। ତେବେ କାହାରି ଘରେ ଅବକାରୀ ଟିମ୍ ଭଙ୍ଗାରୁଜା ଓ ଦୁର୍ବ୍ୟବହାର କରିନାହିଁ ବୋଲି ସେ କହିଛନ୍ତି।

# ମହେନ୍ଦ୍ରଗିରିରେ ହେବନି ଜାଗର ଯାତ୍ରା

**ପାରଳାଖେମୁଣ୍ଡି,୨୪।୨(ଡି.ଏନ.ଏ.)**

ମହାମାରୀ କରୋନା ସଂକ୍ରମଣ ଆଶଙ୍କା ରହୁଥିବାରୁ ଚଳିତବର୍ଷ ମଧ୍ୟ ଗଜପତି ଜିଲା ରାୟଗଡ ବ୍ଲକ ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିଠାରେ ଜାଗର ଯାତ୍ରା ହେବନି। ଜାଗରରେ ମହେନ୍ଦ୍ରଗିରିଠାରେ ଜନସମାଗମକୁ ଜିଲା ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି । ଜିଲା ପ୍ରଶାସନ ଏ ନେଇ ଏକ ପ୍ରେସ ବିବୃତ୍ତି ଜାରି କରି ସୂଚନା ଦେଇଛି ଯେ, ଆସନ୍ତା ୨୭ ତାରିଖଠାରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ମହେନ୍ଦ୍ରଗିରି ଶିଖରର ସମସ୍ତ ପ୍ରବେଶପଥ ବନ୍ଦ କରିଦିଆଯିବ। ଏହି ଦିନଗୁଡିକରେ ଶ୍ରଦ୍ଧାଳୁମାନଙ୍କ ପ୍ରବେଶ ନିଷେଧ ରହିଛି। କେବଳ ମନ୍ଦିରରେ ପୂଜା ନୀତି ହେବ। ଜନସ୍ୱାର୍ଥ ଦୃଷ୍ଟିରୁ ଏପରି ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି ।

# ରାଇକିଆ ବ୍ଲକରେ ୭୩.୭୧% ମତଦାନ


ଭୋଟ ଦେଉଛନ୍ତି ଜଣେ ମହିଳା ।

**ରାଇକିଆ,୨୪।୨(ଡି.ଏନ୍.ଏ.)**

ରାଇକିଆ ବ୍ଲକରେ ଶାନ୍ତିଶୃଙ୍ଖଳାର ସହ ଭୋଟ ଶେଷ ହୋଇଛି। ବ୍ଲକରେ ୩୯,୯୨୫ ଭୋଟର୍‌ଙ୍କ ମଧ୍ୟରୁ ୨୯,୪୩୧ ଭୋଟର ମତଦାନ କରିଛନ୍ତି । ମତଦାନ ହାର ୭୩.୭୧% ରହିଛି। ସକାଳ ୭ଟାରୁ ବିଭିନ୍ନ ମତଦାନ କେନ୍ଦ୍ରରେ ମତଦାତା ସେମାନଙ୍କ ମତ ସାବ୍ୟସ୍ତ କରିବା ଆରମ୍ଭ କରିଥିଲେ। ପ୍ରଶାସନ ତରଫରୁ ବେରେଡ଼ାକିଆ ଠାରେ ପିଙ୍କ ବୁଥ ହୋଇଥିଲା। ଏହି ବୁଥ୍‌ର ଚତୁପାର୍ଶ୍ୱ ଗୋଲାପୀ ରଙ୍ଗରେ ସଜ୍ଜିତ କରାଯାଇଥିଲା । ଚଳିତଥର ଭୋଟର୍ ତାଲିକାରେ ବ୍ୟାପକ ତ୍ରୁଟି ଦେଖିବାକୁ ମିଳିଥିଲା। ତାଲିକାରେ ନାମ ନ ଥିବା ଦେଖି ଭୋଟର ଅସନ୍ତୋଷ ପ୍ରକାଶ କରିଛନ୍ତି । ମାଣିକେଶ୍ୱର ପଞ୍ଚାୟତର ପାଦେରିମହା ଗ୍ରାମର ଅଧିକାଂଶ ଲୋକଙ୍କ ନାମ ଭୋଟର ତାଲିକାରେ ନ ଥିବାରୁ ଗ୍ରାମବାସୀ ଭୋଟ ଦେବାକୁ ମନା କରିଥିଲେ। ଏଥିପାଇଁ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ଭୋଟ ଗ୍ରହଣ ବନ୍ଦ ରହିଥିଲା। ଖବରପାଇ ରାଇକିଆ ତହସିଲଦାର ହରପ୍ରସାଦ ଭୋଇ ଗ୍ରାମ ବାସୀଙ୍କୁ ବୁଝାଇବା ପରେ ମତଦାନ ସ୍ୱାଭାବିକ ହୋଇଥିଲା। କ୍ରମାଗତ ତୃତୀୟ ଥର ପାଇଁ ଭୋଟ ବର୍ଜନ କରିଛନ୍ତି ରିଷାଭୁଇଁ ଗ୍ରାମବାସୀ। ଗତ ୨୦୧୭ ପଞ୍ଚାୟତ ନିର୍ବାଚନରେ ଏମାନେ ଭୋଟ ବର୍ଜନ କରିଥିଲେ । ବଡ଼ ବାରବା ପଞ୍ଚାୟତରୁ ହଟାଇ ଇନ୍ଦ୍ରଗଡ଼ ପଞ୍ଚାୟତକୁ ଫେରାଇ ନେବାକୁ ଦୀର୍ଘ ପାଞ୍ଚ ବର୍ଷ ହେଲା ଗ୍ରାମବାସୀ ଦାବି କରି ଆସୁଥିଲେ ମଧ୍ୟ ଦାବି ପୂରଣ ହୋଇ ନ ଥିବାରୁ ପୁଣି ଥରେ ଭୋଟ ବର୍ଜନ କରିଛନ୍ତି ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବଜରଙ୍ଗ ଦଳର ଦାବିପତ୍ର

**ଫୁଲବାଣୀ ଅଫିସ, ୨୪।୨**

କର୍ନାଟକର ଶିବମୋଗ ଜିଲାରେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ହର୍ଷଙ୍କୁ ଜେହାଦୀମାନଙ୍କ ଦ୍ୱାରା ଛୁରି ଭୁଷି ନିର୍ମମ ଭାବେ ହତ୍ୟା କରାଯାଇଛି। ଏହି ଘଟଣାରେ ସାମିଲ ଆତଙ୍କି ସଙ୍ଗଠନର ଜେହାଦୀଙ୍କୁ ତୁରନ୍ତ ଫାଶୀ ଦେବାକୁ କନ୍ଧମାଳ ଜିଲା ବଜରଙ୍ଗ ଦଳ ଏବଂ ବିଶ୍ୱ ହିନ୍ଦୁ ପରିଷଦ ଦାବି କରିଛି। ଏ ନେଇ ଏକ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

ଦେଶରେ ଆତଙ୍କବାଦୀଙ୍କ କ୍ରୁରତା ଦିନକୁ ଦିନ ବଢ଼ି ଚାଲିଛି । ଯାହା ହିନ୍ଦୁ ସମାଜକୁ ଭୋଗିବାକୁ ପଡୁଛି । ଗତ କିଛି ଦିନ ମଧ୍ୟରେ ହିନ୍ଦୁମାନଙ୍କୁ ହତ୍ୟା କରାଯିବା ଅତ୍ୟନ୍ତ ଚିନ୍ତାର ବିଷୟ । ଦେଶରେ ରାଷ୍ଟ୍ର ବିରୋଧି ଓ ଧାର୍ମିକ ଅସହିଷ୍ଣୁତାକୁ ଯୋଜନା ପୂର୍ବକ ପ୍ରୋତ୍ସାହନ ଦିଆଯାଇ ଅରାଜକତା ସୃଷ୍ଟି କରାଯାଉଛି । ଏହି ସମସ୍ତ ଘଟଣା ପାଇଁ ପିଏଫ୍‌ଆଇ, ଏସ୍‌ଡିପିଆଇ ଆଦି ଆତଙ୍କୀ ସଂଗଠନ ଦାୟୀ । ଏମାନେ ଧାର୍ମିକ ଉନ୍ମାଦନା ସୃଷ୍ଟି କରି ଦେଶର ସାମାଜିକ, ଧାର୍ମିକ, ଆର୍ଥିକ ଓ ରାଜନୈତିକ ସ୍ଥିରତାକୁ ଧ୍ୱସ୍ତ ବିଧ୍ୱସ୍ତ କରିବାକୁ ଉଦ୍ୟମ କରୁଛନ୍ତି । ତେଣୁ ଏହି ସଂଗଠନ ଗୁଡ଼ିକୁ ତୁରନ୍ତ ପ୍ରତିବନ୍ଧିତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ହର୍ଷଙ୍କୁ ଯେଉଁମାନେ ମାରିଛନ୍ତି ସେମାନଙ୍କୁ ଫାଶୀ ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ବଜରଙ୍ଗ ଦଳ ଜିଲା ସଂଯୋଜକ ରାକେଶ ମିଶ୍ର, ଭି.ଜଗନ୍ନାଥ ରାଜୁ, ଶିବନାରାୟଣ ମହାନ୍ତି, ଫକୀର ମୋହନ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରିଥିଲେ ।


ବଜରଙ୍ଗ ଦଳର କର୍ମକର୍ତ୍ତା ।

## ପ୍ରଥମ ପୃଷ୍ଠାରୁ...

### ଡାକ୍ତରାଣୀଙ୍କୁ ବିବାହ କରି...

ବିବାହ ତାରିଖ ଘୁଞ୍ଚିଥିଲା। ୨୦୨୧ ମେ ୩୧ରେ ରମେଶ ତାଙ୍କୁ ଭୁବନେଶ୍ୱରର ଏକ ହୋଟେଲରେ ବିବାହ କରିଥିଲେ। ବିବାହ ସମୟରେ ରମେଶଙ୍କ ଭିଣୋଇ ଗଣେଶ୍ୱର, ଭଉଣୀ ରଶ୍ମିତା ଓ ଡ୍ରାଇଭର ପପୁ ମଧ୍ୟ ଥିଲେ। ଏହାପରେ ସେ ତାଙ୍କ ଡେବିଟ୍ କାର୍ଡ ନେଇ ୨୩ ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ତେବେ ପରବର୍ତ୍ତୀ ସମୟରେ ଏମ୍‌ସରେ ଚାକିରି କରେଇଦେବାକୁ କହି ରମେଶ ତାଙ୍କର ଜଣେ କର୍ମଚାରୀଙ୍କଠାରୁ ୧୦ ଲକ୍ଷ ମଧ୍ୟ ଠକି ନେଇଥିଲେ।

ଅନ୍ୟପକ୍ଷରେ ରମେଶ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ଆପାର୍ଟମେଣ୍ଟର ମାଲିକ ମଧ୍ୟ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ରମେଶ ଭୁଲ୍ ତଥ୍ୟ ଦେଇ ସେଠାରେ ରହିଥିଲେ ବୋଲି ସେ ପୋଲିସ ନିକଟରେ କହିଛନ୍ତି। ତେବେ ଠକେଇର ତାଲିକା ବଢୁଥିବାରୁ ଆଗକୁ ରମେଶଙ୍କ କାରନାମାର ଆହୁରି ଗୁମର ଖୋଲିବାକୁ ୩ ଦିନିଆ ରିମାଣ୍ଡରେ ଜେରା କରିବ। ଏଥିସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରି ଏକ ବଳିଷ୍ଠ ଚାର୍ଜଶିଟ୍ ପ୍ରସ୍ତୁତ କରିବାକୁ କମିଶନରେଟ ପୋଲିସ ଆଶା ରଖିଛି।

ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ରମେଶଙ୍କ ମାମଲାର ତଦନ୍ତ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ୨ଟି ମହିଳା ଟିମ୍ ଗଠନ ହେବ। ସେଥିରେ ମହିଳା ପୋଲିସଙ୍କ ସମେତ ଚାଟାର୍ଡ ଆକାଉଣ୍ଟାଣ୍ଟ, କାଉନ୍‌ସେଲର, ଆଇନ୍ ପରାମର୍ଶଦାତା ରହିବେ। ୨ ମାସରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଟିମ୍ ତଦନ୍ତ କରି ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବ।

ସୂଚନାଯୋଗ୍ୟ, ଅଭିଯୁକ୍ତ ରମେଶ ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରୁଥିଲେ। ପରବର୍ତ୍ତୀ ସମୟରେ ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ତାଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତରୁ ରମେଶଙ୍କ କଳାକାରନାମା ପଦାକୁ ଆସିଥିଲା। ଏଥିସହ ଚାକିରି ଓ ଡାକ୍ତରୀ ପାଠରେ ନାମଲେଖା ପାଇଁ ବହୁ ଲକ୍ଷ ଟଙ୍କା ଠକେଇ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା।

### ପଞ୍ଚାୟତ ନିର୍ବାଚନ ...

ଅନୁରୂପ ଭାବେ ୨୭ରେ ଦ୍ୱିତୀୟ ଜୋନ୍, ୨୮ରେ ତୃତୀୟ ଏବଂ ଚତୁର୍ଥ ଜୋନ୍‌ରେ ଭୋଟ ଗଣତି ହେବ। ଗଣତି କେନ୍ଦ୍ରରେ କୌଣସି ପ୍ରକାରର ବିଶୃଙ୍ଖଳାକୁ ସହ୍ୟ କରାଯିବ ନାହିଁ ବୋଲି ନିର୍ବାଚନ କମିଶନର କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି।

ରାଜ୍ୟରେ ଫେବୃୟାରୀ ୧୬ରୁ ୫ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ମୋଟ ୬ ହଜାର ୭୯୪ ପଞ୍ଚାୟତରେ ଥିବା ୯୧ ହଜାର ୯୧୩ ୱାର୍ଡରେ ମତଦାନ ପାଇଁ ବ୍ୟବସ୍ଥା ହୋଇଥିଲା। ଏଥିଲାଗି ୯୧ ହଜାର ୯୧୩ ବୁଥ୍‌ରେ ପ୍ରସ୍ତୁତ କରାଯାଇଥିଲା। ସେଥିରୁ ୧୩ ହଜାର ୭୮୫ ମତଦାନ କେନ୍ଦ୍ରକୁ ରାଜ୍ୟ ନିର୍ବାଚନ କମିଶନର ଉତ୍ତେଜନାପ୍ରବଣ ଘୋଷଣା କରିଥିଲେ। ଚଳିତ ନିର୍ବାଚନରେ ମତଦାନ ହାର ଉତ୍ସାହଜନକ ରହିଛି। ପ୍ରଥମ ପର୍ଯ୍ୟାୟରେ ୭୭.୨%, ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩%, ତୃତୀୟ ପର୍ଯ୍ୟାୟରେ ୭୮.୬%, ଚତୁର୍ଥ ପର୍ଯ୍ୟାୟରେ ୭୯% ମତଦାନ ରେକର୍ଡ କରାଯାଇଛି। ପ୍ରଥମ ଦୁଇଟି ପର୍ଯ୍ୟାୟରେ ହିଂସା ଓ ଅନ୍ୟାନ୍ୟ କାରଣରୁ ବାଧାପ୍ରାପ୍ତ ହୋଇଥିବା ବୁଥରେ ସାନି ମତଦାନ ଫେବୃୟାରୀ ୨୩ରେ ଶେଷ ହୋଇଛି। ଅନୁରୂପ ଭାବେ ୩ୟ ପର୍ଯ୍ୟାୟରେ ୩୦ ବୁଥ୍‌ରେ ସାନି ମତଦାନ ଲାଗି ଜିଲାପାଳମାନେ ପ୍ରସ୍ତାବ ଦେଇଛନ୍ତି। ଆସନ୍ତା ୨୫ ତାରିଖ (ଶୁକ୍ରବାର)ରେ ଉକ୍ତ ୩୦ ବୁଥ୍‌ରେ ସାନି ମତଦାନ ହେବ ବୋଲି ଜଣାପଡ଼ିଛି। ଚତୁର୍ଥ ଓ ପଞ୍ଚମ ପର୍ଯ୍ୟାୟରେ ବାତିଲ ହୋଇଥିବା ବୁଥ୍‌ରେ ସାନି ମତଦାନ ଲାଗି ତାରିଖ ଘୋଷଣା ବାକି ରହିଛି।

### ବିରିୟାନୀ ପାଇଁ ଆତ୍ମହତ୍ୟା ...

ମୃତଦେହକୁ ଘରକୁ ଅଣାଯାଇଥିଲା। ଖବରପାଇ ଗୁରୁବାର ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ବାପା ମନୋରଞ୍ଜନ ଏକ କମ୍ପାନୀରେ ସିକ୍ୟୁରିଟି ଗାର୍ଡ଼ ଭାବେ କାର୍ଯ୍ୟ କରନ୍ତି।

### ପଞ୍ଚମ ପର୍ଯ୍ୟାୟରେ ...

ୱାର୍ଡ ମେମ୍ବର, ୧୨୬ ସରପଞ୍ଚ, ୩୨୬ ପଞ୍ଚାୟତ ସମିତି ସଦସ୍ୟ ଏବଂ ଜଣେ ଜିଲା ପରିଷଦ ସଭ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇଛନ୍ତି। ତେବେ ଅନ୍ୟ ପଦବୀଗୁଡ଼ିକ ପାଇଁ ପ୍ରାୟ ୨ ଲକ୍ଷ ୨୦ ହଜାର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଚଳିତ ନିର୍ବାଚନରେ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ମତଦାନ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ନିର୍ବାଚନ କମିଶନର କହିଛନ୍ତି।

